# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୦୧.୨୦୨୩ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ମିହିର କୁମାର ରାଉତ, ଚେୟାରମ୍ୟାନ୍,
୨. ଶ୍ରୀମତୀ ସୁଚିତ୍ରା ପାତ୍ର,
୩. ଶ୍ରୀ ରଶ୍ମିରଞ୍ଜନ ପାଢଶାଣୀ

ଅଦ୍ୟ ତା ୧୮.୦୧.୨୦୨୩ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଏଜ୍ୟୁକେଶନ୍, ରିକ୍ରିଏସନ୍ ଆଣ୍ଡ୍ କଲ୍‌ଚର୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ମିହିର କୁମାର ରାଉତ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଗତ ତା ୨୨.୧୨.୨୦୨୨ ରିଖ ନିର୍ଦ୍ଧାରଣ ସଂଖ୍ୟା-୧(୧) ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ଉପସ୍ଥିତ ନଗର ଶିକ୍ଷା ଅଧିକାରୀ କହିଥିଲେ ଯେ, ମୋତେ ବି ଏମ୍ ସି ର ଅତିରିକ୍ତ ଦାୟିତ୍ୱ ଦିଆଯାଇଅଛି । ଖୋର୍ଦ୍ଧାରେ ମଧ ମୋର ଅଧିକ କାର୍ଯ୍ୟଭାର ରହୁଅଛି, ତେଣୁ ସବୁବେଳେ ବି ଏମ୍ ସି କୁ ଆସିବା ସମ୍ଭବ ହୋଇପାରୁନାହିଁ ବୋଲି କମିଟିଙ୍କୁ ଅବଗତ କରାଇଥିଲେ । ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ସ୍କୁଲ୍ ଗୁଡ଼ିକର ସମସ୍ୟା ସମାଧାନ କରିବା ପାଇଁ ଜଣେ ସ୍ୱତନ୍ତ୍ର ନଗର ଶିକ୍ଷା ଅଧିକାରୀ ନିଯୁକ୍ତି କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯାଉ .ଏବଂ ରାଜ୍ୟ ସରକାର ଜଣେ ସ୍ୱତନ୍ତ୍ର ନଗର ଶିକ୍ଷା ଅଧିକାରୀ ନିଯୁକ୍ତି କରିବା ପର୍ଯ୍ୟନ୍ତ ପ୍ରତି ମାସରେ ସପ୍ତାହକୁ ଥରେ କେଉଁ କେଉଁ ଦିବସରେ ବି ଏମ୍ ସି ଆସିବେ ତାଙ୍କର ପ୍ରସ୍ଥ କାର୍ଯ୍ୟସୂଚୀ Advance Tour Program ପ୍ରଦାନ କରିବା ପାଇଁ ବର୍ତ୍ତମାନର ନଗର ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୫.୩୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ମିହିର କୁମାର ରାଉତ
ସଭାପତି
ତା ୧୮.୦୧.୨୦୨୩ ରିଖ